ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ



ଜଟଣୀ, ୨୧।୬ (ନି.ପ୍ର): ଜଟଣୀ ଅରୁଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ସୋମବାର ୭ମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ସେବା ବ୍ୟବସ୍ଥା (ଅନଲାଇନ)ରେ ଯୋଗ ଦିବସ ପାଳନ କରିବା ସହ ଯୋଗାଭ୍ୟାସ କରିଥିଲେ। ଆଇଆଇଟିର ଶିକ୍ଷା କର୍ମଚାରୀ ଓ ପରିବାର ଆଇଆଇଟି କମ୍ୟୁନିଟି ହଲ୍‌ରେ ଯୋଗ ଦିବସ ପାଳନ କରିଥିଲେ। ସ୍ୱାମୀ ଅଚଳାନନ୍ଦ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସ ଏବଂ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ଯୋଗଦେଇ ସୁସ୍ଥ ଶରୀର ଓ ମନ ଏବଂ ଚାପ ମୁକ୍ତ ରହିବା ପାଇଁ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଥିବା କହିଥିଲେ। ଆଇଆଇଟିର ଯୁଗ୍ମ କୂଳ ସଚିବ ଦେବରାଜ ରଥ, ଡ଼ଃ. ବି.ରାମକୁମାର ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଡ଼ଃ. ଶ୍ରୀକାନ୍ତ ଗୋଲପୁଡ଼ି, ଡ଼ଃ. ବଙ୍କିମଚନ୍ଦ୍ର ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ।